**14ତମ ଭାରତ-ଓମାନ୍ ରଣନୈତିକ ପରାମର୍ଶ ଗୋଷ୍ଠୀ ବୈଠକ (ଡିସେମ୍ବର 04, 2025)**

ଡିସେମ୍ବର 04, 2025

14ତମ ଭାରତ-ଓମାନ୍ ରଣନୈତିକ ପରାମର୍ଶ ଗୋଷ୍ଠୀ (IOSCG) ବୈଠକ ଡିସେମ୍ବର 4, 2025 ରେ ଓମାନ୍ ର ମସ୍କଟ୍ ରେ ଆୟୋଜିତ ହୋଇଥିଲା। ଏହି ବୈଠକ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (CPV ଓ OIA) ଶ୍ରୀ ଅରୁଣ କୁମାର ଚାଟାର୍ଜୀ ଏବଂ ଓମାନ ସଲତନତର ରାଜନୈତିକ ବ୍ୟାପାର ଉପ-ସଚିବ ଶେଖ ଖଲିଫା ଅଲହାର୍ଥିଙ୍କ ମିଳିତ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

2. ଏହି ବୈଠକରେ ରାଜନୈତିକ, ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ, ନିବେଶ, ଶକ୍ତି, କୃଷି, ଶିକ୍ଷା, ସଂସ୍କୃତି ଏବଂ ଜନସାଧାରଣଙ୍କ ମଧ୍ୟରେ ଆପୋଷ ସମ୍ପର୍କ ସମେତ ବହୁମୁଖୀ ରଣନୈତିକ ଭାଗିଦାରୀର ସମୀକ୍ଷା କରାଯାଇଥିଲା। ଉଭୟ ପକ୍ଷ ଆପୋଷ ସ୍ୱାର୍ଥ ଜଡ଼ିତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ।

3. ଭାରତ ଓ ଓମାନ ମଧ୍ୟରେ ବାଣିଜ୍ୟ ଓ ସାଂସ୍କୃତିକ ଆଧାରିତ ଏକ ମଧୁର, ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ପୁରାତନ ସମ୍ବନ୍ଧ ରହିଛି। ଚଳିତ ବର୍ଷ ହେଉଛି ଭାରତ ଓ ଓମାନ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର 70ତମ ବର୍ଷ. ଅର୍ଥନୈତିକ ଓ ବ୍ୟବସାୟିକ ସମ୍ପୃକ୍ତି ଦ୍ୱିପାକ୍ଷିକ ସମ୍ପର୍କର ଏକ ପ୍ରମୁଖ ସ୍ତମ୍ଭ ଅଟେ ଯାହା 10.61 ବିଲିଅନ୍ ଆମେରିକୀୟ ଡଲାର୍ (ଆର୍ଥିକ ବର୍ଷ 2024-2025) ବିଶିଷ୍ଟ ଦ୍ୱିପାକ୍ଷିକ ବ୍ୟବସାୟ ଅଟେ ଏବଂ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ନିବେଶର ପରିଣାମ ଅଟେ।

4. ଓମାନ୍ ରେ ପ୍ରାୟ 675,000 ସଂଖ୍ୟକ ଭାରତୀୟ ସମୁଦାୟ ବସବାସ କରନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବା ପାଇଁ ସମୁଦାୟ ହେଉଛି ଏକ ଜୀବନ୍ତ ସେତୁ।

5. ଆସନ୍ତା ବର୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ନୂଆଦିଲ୍ଲୀଠାରେ IOSCG ର ପରବର୍ତ୍ତୀ ଅଧିବେଶନ ଆୟୋଜନ କରିବା ପାଇଁ ସହମତି ପ୍ରକାଶ ପାଇଥିଲା।

ମସ୍କଟ୍

ଡିସେମ୍ବର 04, 2025